ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Labour and ESI (OD)/ 306/05-05-2025**

# ସହକାରୀ ଶ୍ରମ ଅଧିକାରୀଙ୍କ ନୂତନ ଏସସିବି ବିଲ୍ଡିଂ ପରିଦର୍ଶନ

ଭୁବନେଶ୍ୱର : ୦୫/୦୫/୨୦୨୫

ସହକାରୀ ଶ୍ରମ ଅଧିକାରୀ ରଶ୍ମି ରଞ୍ଜନ ବରାଳ ଏବଂ ଦୀପଙ୍କର ଦୀକ୍ଷିତ ନିର୍ମାଣାଧୀନ ନୂତନ ଏସସିବି କୋଠା ପରିଦର୍ଶନ କରିଥିଲେ। ସକାଳ ୧୧ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ସେଠାରେ କୌଣସି ନିର୍ମାଣ କାର୍ଯ୍ୟ ଚାଲୁ ନଥିବା ଜଣାପଡ଼ିଥିଲା। ଏହା ବ୍ୟତୀତ ପ୍ରତିଦିନ ଶ୍ରମିକମାନଙ୍କୁ ବଣ୍ଟନ ପାଇଁ ୧ ଲକ୍ଷ ଓଆରଏସ ପ୍ୟାକେଟ ଉପଲବ୍ଧ ଥିଲା। ଶ୍ରମିକମାନେ ପିପଇ ସୁରକ୍ଷା ଉପକରଣ ବ୍ୟବହାର କରୁଥିବା ଦେଖାଯାଇଥିଲା। ଏହି ସ୍ଥାନରେ ନିୟୋଜିତ ୧୨୦ ଜଣ ନିର୍ମାଣ ଶ୍ରମିକ ପୂର୍ବରୁ ପଞ୍ଜୀକୃତ ହୋଇସାରିଛନ୍ତି । ଅନସାଇଟ୍ ପଞ୍ଜୀକରଣ ମଧ୍ୟ ନିରନ୍ତର ଭାବରେ କରାଯାଉଛି ବୋଲି ସହକାରୀ ଶ୍ରମ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ।

ଏଠାରେ ସୂଚନାଯୋଗ୍ୟ ଯେ, ଡହ ଡହ ଖରାରେ ଶ୍ରମିକମାନେ କଟକ ବଡ ମେଡ଼ିକାଲର ନୂଆ ବିଲ୍ଡିଂ କାମ କରୁଛନ୍ତି ବୋଲି ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଥିଲା ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ